# NATIONAL NEWS BULLETIN (ODIA)

## 27 February-2025

### Morning Bulletin : 7.15 a.m.

*****************************

## ମୁଖ୍ୟ ସମ୍ବାଦ

- ଗୁଜରାଟ ଗସ୍ତ ଅବସରରେ ଆଜି ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରିବା ସହିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣ କରିବେ ରାଷ୍ଟ୍ରପତି ।
- ଗ୍ଲୋବାଲ୍ ସାଉଥ୍ର ସ୍ୱାର୍ଥ ଓ ଆକାଂକ୍ଷା ବିଶ୍ୱସ୍ତରରେ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ କରାଯିବା ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ୟୁରୋପୀୟ କମିଶନ୍ର ଅଧ୍ୟକ୍ଷଙ୍କର ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତ ।
- ଆମେରିକା ରାଷ୍ଟ୍ରପତିଙ୍କ ସୂଚନା ଆସନ୍ତାକାଲି ୟୁକ୍ରେନ୍ ରାଷ୍ଟ୍ରପତିଙ୍କର ହ୍ୱାଇଟ୍ ହାଉସ୍ ଗସ୍ତ ଅବସରରେ ସ୍ୱାକ୍ଷରିତ ହେବ କେତେକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ୮ରନ୍‌ରେ ଇଂଲଣ୍ଡକୁ ପରାସ୍ତ କଲା ଆଫ୍‌ଗାନିସ୍ତାନ ।

# ପ୍ରେସିଡେଣ୍ଟ-ଗୁଜରାଟ

ଗୁଜରାଟ ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ପୁଷ୍ପାର୍ଘ ଅର୍ପଣ କରିବେ ।

ଏ ସମ୍ପର୍କରେ ଆମର ସମ୍ବାଦଦାତା ଜଣାଇଛନ୍ତି, ଏହି ଅବସରରେ ଶ୍ରୀମତୀ ମୁର୍ମୁ ଏକତା ନଗର ପରିସର ମଧ୍ୟ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

ସେହିଭଳି ଗୁଜରାଟ ଗସ୍ତ ଅବସରରେ ରାଷ୍ଟ୍ରପତି ଅହମଦାବାଦର ଜାତୀୟ ଡିଜାଇନ୍ ପ୍ରତିଷ୍ଠାନର ୪୪ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେବେ । ଏହି ସମାବର୍ତ୍ତନ ଉତ୍ସବରେ ପ୍ରାୟ ୪୩୦ ଜଣ ଛାତ୍ରଛାତ୍ରୀଙ୍କୁ ସେ ବିଭିନ୍ନ ଡିଗ୍ରୀ ପ୍ରଦାନ କରିବେ । ସେହିଭଳି ଆସନ୍ତାକାଲି ଶ୍ରୀମତୀ ମୁର୍ମୁ ଗାନ୍ଧୀନଗର ସ୍ଥିତ ଜାତୀୟ ଫରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେବା

ପରେ ଭୁଜ୍ ଠାରେ ସ୍ମୃତିବନ୍ ଭୂକମ୍ପ ସ୍ମାରକୀ ପରିଦର୍ଶନ କରିବେ । ମାର୍ଚ୍ଚ ୧ ତାରିଖ ଦିନ ରାଷ୍ଟ୍ରପତି ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀ ଧୋଲାଭିରା ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଜାପାନ ଇଣ୍ଡିଆ ଆଫ୍ରିକା

ଗ୍ଲୋବାଲ୍ ସାଉଥ୍‌ର ସ୍ୱାର୍ଥ ଓ ଆକାଂକ୍ଷା ବିଶ୍ୱସ୍ତରରେ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ କରାଯିବା ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି । ଭାରତ-ଜାପାନ-ଆଫ୍ରିକା ବ୍ୟାବସାୟିକ ଫୋରମ୍‌ରେ ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ସେ କହିଛନ୍ତି, ଭାରତ ଭଏସ୍ ଅଫ୍ ଦି ଗ୍ଲୋବାଲ୍ ସାଉଥ୍ ସମ୍ମିଳନୀ ହେଉ ବା ଜି-୨୦ ଅଧ୍ୟକ୍ଷତା ହେଉ ବିଭିନ୍ନ ବୈଶ୍ୱିକ ମଞ୍ଚ ମାଧ୍ୟମରେ ଏ କ୍ଷେତ୍ରରେ ନିଜର ନିରନ୍ତର ପ୍ରଚେଷ୍ଟା ଜାରି ରଖିଛି । ଆଫ୍ରିକା ସହ ଏକ ଦୀର୍ଘସୂତ୍ରୀ ଏବଂ ଆପୋଷ ସ୍ୱାର୍ଥ ଜଡ଼ିତ ଭାଗିଦାରୀ ସମ୍ପର୍କ ଗଢ଼ିତୋଳିବା ଦିଗରେ ଭାରତ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ବିଶେଷ କରି କ୍ଷମତା ନିର୍ମାଣ, ଦକ୍ଷତା ବିକାଶ ଏବଂ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଆଦି କ୍ଷେତ୍ରରେ

ଭାରତ ଆଫ୍ରିକା ସହ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଆଗ୍ରହୀ । ତେବେ ପୁଞ୍ଜି ନିବେଶ ଦ୍ୱାରା ଆଫ୍ରିକୀୟ ଦେଶ ଗୁଡ଼ିକ କେବଳ ଲାଭବାନ ନ ହୋଇ ନିରନ୍ତର ଅଭିବୃଦ୍ଧି ହାସଲ ଦିଗରେ ଅଗ୍ରଗତି ହେବା ଦିଗରେ ଭାରତ ଗୁରୁତ୍ୱ ଦିଏ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି, ଭାରତ ହେଉଛି ଆଫ୍ରିକାର ଚତୁର୍ଥ ସର୍ବବୃହତ ବ୍ୟାବସାୟିକ ଭାଗିଦାରୀ । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ପ୍ରାୟ ୧୦୦ ବିଲିୟନ୍ ଡଲାର୍ ଛୁଇଁଛି ବୋଲି ସେ କହିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ଆଫ୍ରିକାର ସଂଯୋଗୀକରଣ ଏବଂ ମୌଳିକ ଢାଞ୍ଚାଗତ ବିକାଶ ଉପରେ ଭାରତ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି । ଆଫ୍ରିକାରେ ପାନୀୟ ଜଳ ଯୋଜନାଠୁ ଆରମ୍ଭ କରି ଜଳସେଚନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଶୌରଶକ୍ତି ଯୋଜନା ଏବଂ ଶକ୍ତି କ୍ଷେତ୍ରରେ  ଭାତରର ବିଭିନ୍ନ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ଦୃଷ୍ଟିରୁ ସେଠାରେ ସ୍ଥାନୀୟ ନିଯୁକ୍ତି ସୁଯୋଗ ବୃଦ୍ଧି ହେବା ସହ ଜୀବନମାନରେ ମଧ୍ୟ ଉନ୍ନତି ଆସିପାରିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ପୁରୀ-ଇତାନଲ୍ ବ୍ଲେଡିଙ୍ଗ୍

ଦେଶରେ ଇଥାନଲ୍ ବ୍ଲେଡିଙ୍ଗ୍ ଧାର୍ଯ୍ୟ ଲକ୍ଷ୍ୟକୁ ୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ହାସଲ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି । ଗତକାଲି ଗୌହାଟୀ ଠାରେ ଆଡଭାଣ୍ଟେଜ୍ ଆସାମ୍ ଟୁ ପଏଣ୍ଟ ଜିରୋ ପୁଞ୍ଜିନିବେଶ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ପୁରୀ କହିଛନ୍ତି, ଇଥାନଲ ବ୍ଲେଡିଙ୍ଗ୍ କ୍ଷେତ୍ରରେ ଭାରତ ୧୯ ଦଶମିକ୍ ୬ ପ୍ରତିଶତ ଲକ୍ଷ୍ୟ ହାସଲ କରିସାରିଛି । ତେବେ ଏ କ୍ଷେତ୍ରରେ ଥିବା ବିଭିନ୍ନ ଆହ୍ୱାନ ଗୁଡ଼ିକୁ ମୁକାବିଲା କରିବା ସହିତ ୨୦୪୫ ସୁଦ୍ଧା ଜିରୋ ନିର୍ଗମନ ଲକ୍ଷ୍ୟ ହାସଲ କରିବା ଲାଗି ଆଶା କରାଯାଉଛି ବୋଲି ଶ୍ରୀ ପୁରୀ କହିଛନ୍ତି । ଭାରତର ଆକ୍ଟ ଇଷ୍ଟ ପଲିସିରେ ଆସାମର ଭୂମିକାକୁ ଅଧିକ ସଶକ୍ତ କରିବା ଲାଗି ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ବିଶେଷ କରି ଆଞ୍ଚଳିକ ସଂଯୋଗୀକରଣ, ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଏହି ପଲିସିରେ ଆସାମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେବା ଭଳି ପ୍ରସଙ୍ଗ ଉପରେ ଏହି ଅଧିବେଶନରେ ଆଲୋକପାତ କରାଯାଇଛି ।

# ଦିଲ୍ଲୀ ଆସେମ୍ବ୍ଲି

ଦିଲ୍ଲୀ ବିଧାନସଭାରେ ଆଜି ଉପବାଚସ୍ପତି ପଦ ଲାଗି ନିର୍ବାଚନ ଅନୁଷ୍ଠିତ ହେବ । ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି ପଦ ଲାଗି ମୁସ୍ତାଫାବାଦ୍ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ବିଜେପି ବିଧାୟକ ମୋହନ ସିଂହ ବିଷ୍ଟଙ୍କ ନାମ ସୁପାରିଶ କରିବେ । ଏତଦ୍‌ବ୍ୟତୀତ ପୂର୍ବ ସରକାରଙ୍କର ମଦ ନୀତି ସମ୍ପର୍କିତ ସି.ଏ.ଜି. ରିପୋର୍ଟ ଉପରେ ଗୃହରେ ଆଲୋଚନା ଜାରି ରହିବ । ଗତ ମଙ୍ଗଳବାର ଦିନ ବିଧାନସଭାରେ ଏହି ରିପୋର୍ଟ ଉପସ୍ଥାପିତ ହୋଇଥିଲା ।

# ପ୍ରେଜ୍ ଇୟୁ-ଇଣ୍ଡିଆ

ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡର୍ ଲିଏନ୍ ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହା ହେବ ଶ୍ରୀମତୀ ଲିଏନ୍‌ଙ୍କର ତୃତୀୟ ଭାରତ ଗସ୍ତ । ଏହି ଗସ୍ତ ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆସନ୍ତାକାଲି ଏକ ପ୍ରତିନିଧି ସ୍ତରୀୟ ଆଲୋଚନାରେ ଭାଗ ନେବେ । ଏହାଛଡ଼ା ଶ୍ରୀମତୀ ଲିଏନ୍ ଆଜି ସନ୍ଧ୍ୟାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତ ଏବଂ

ୟୁରୋପ ୨୦୦୪ ମସିହାରୁ ରଣନୈତିକ ଭାଗିଦାରୀ ଭାବେ କାର୍ଯ୍ୟ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷିୟ ସମ୍ପର୍କ ଅଧିକ ସଶକ୍ତ ହୋଇପାରିଛି । ୟୁରୋପୀୟ  କମିଶନ୍ ର ଅଧ୍ୟକ୍ଷ ଏବଂ ଏହି ପ୍ରତିନିଧି ସ୍ତରୀୟ ଗସ୍ତ ଦ୍ୱାରା ଦ୍ୱିପକ୍ଷିୟ ସମ୍ପର୍କ ଅଧିକ ମଜବୁତ ହେବାର ଆଶା ଦୃଢ଼ିଭୂତ ହୋଇଛି ।

## ଆନିମଲ୍ ୱେଲ୍‌ଫେୟାର୍ ବୋର୍ଡ

ଭାରତୀୟ ପ୍ରାଣୀମଙ୍ଗଳ ବୋର୍ଡ଼ ପକ୍ଷରୁ ଆଜି ନୂଆଦିଲ୍ଲୀରେ ପ୍ରାଣୀମିତ୍ର ଏବଂ ଜୀବେଦୟା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ । ପ୍ରାଣୀକଲ୍ୟାଣ ଏବଂ ପ୍ରାଣୀ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଏବଂ ସଙ୍ଗଠନଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯିବ । ଦୁଇଟି ବର୍ଗରେ ପ୍ରାଣୀମିତ୍ର ଏବଂ ଜୀବେଦୟା ପୁରସ୍କାର ପ୍ରଦାନ କରାଯିବ । ପ୍ରାଣୀମିତ୍ର ପୁରସ୍କାର ମଧ୍ୟରେ ୫ଟି ଉପବିଭାଗ ରହିଛି । ସେହିପରି ଜୀବେଦୟା ପୁରସ୍କାର ପ୍ରଦାନ କରାଯିବାକୁ ଥିବା ୩ଟି ଉପବିଭାଗ ମଧ୍ୟରେ ବ୍ୟକ୍ତିବିଶେଷ, ପ୍ରାଣୀମଙ୍ଗଳ ସଙ୍ଗଠନ, ବିଦ୍ୟାଳୟ, ଶିକ୍ଷକ ଏବଂ ପିଲାମାନେ ରହିଛନ୍ତି । ପୁରସ୍କାର ପ୍ରଦାନ ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀପାଳନ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି.

ସିଂହ ବାଘେଲ, ଜର୍ଜ କୁରିଆନ୍ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଟ୍ରମ୍ପ୍-ୟୁକ୍ରେନ୍

ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଦିମିର୍ ଜେଲେନ୍ସ୍କି ଆସନ୍ତାକାଲି ହ୍ୱାଇଟ୍‌ହାଉସ୍ ଗସ୍ତ କରିବେ ବୋଲି ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ସେ କହିଛନ୍ତି, ଏହି ଗସ୍ତ ଅବସରରେ ଶ୍ରୀ ଜେଲେନ୍ସ୍କି ୟୁକ୍ରେନ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ଉପରେ ଆମେରିକାର ଅଧିକାର ସମ୍ପର୍କିତ ରାଜିନାମାରେ ସ୍ୱାକ୍ଷର କରିବେ । ଏତଦ୍‌ବ୍ୟତୀତ ୟୁକ୍ରେନ୍ ଯୁଦ୍ଧ ସମ୍ପର୍କିତ ରାଜିନାମା ମଧ୍ୟ ସ୍ୱାକ୍ଷରିତ ହେବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ଗତକାଲି ହ୍ୱାଇଟ୍‌ହାଉସ୍ ଠାରେ ଅନୁଷ୍ଠିତ ଆମେରିକାର ପ୍ରଥମ କ୍ୟାବିନେଟ୍ ବୈଠକରେ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ଦିଗରେ ସେ ଉଭୟ ଦେଶର ରାଷ୍ଟ୍ରପତିଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଯୁଦ୍ଧରେ ଉଭୟ ଦେଶର ଅନେକ ନାଗରିକଙ୍କର ମୃତ୍ୟୁ ହେବା ସହିତ ବିଶ୍ୱର ବିଭିନ୍ନ ସ୍ଥାନରେ ଏହାର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଭାବ ଦେଖିବାକୁ ମିଳିଛି । ତେଣୁ ଏ ଦିଗରେ ଖୁବ୍ ଶୀଘ୍ର ଏକ ରାଜିନାମା ସ୍ୱାକ୍ଷରିତ ହେବ ବୋଲି ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଛନ୍ତି ।

# କ୍ରିକେଟ୍-ଆଇସିସି ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଗତକାଲି ଲାହୋର୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ଇଂଲଣ୍ଡକୁ ୮ ରନ୍‌ରେ ପରାସ୍ତ କରିଛି । ସ୍ଥାନୀୟ ଗଦାଫି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୩୨୫ରନ୍ କରିଥିଲା । ଦଳ ପକ୍ଷରୁ ଇବ୍ରାହିମ୍ ଜାଦ୍ରାନ୍ ୧୪୬ଟି ବଲ୍‌ରୁ ୧୭୭ରନ୍ ସଂଗ୍ରହ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ପୂର୍ବରୁ ଇଂଲଣ୍ଡର ବେନ୍ ଡକେଟ୍‌ଙ୍କର ସର୍ବାଧିକ ସ୍କୋର ୧୬୫ରନ୍‌ର ରେକର୍ଡକୁ ଏହାଦ୍ୱାରା ଇବ୍ରାହିମ୍ ଜାଦ୍ରାନ୍ ଭାଙ୍ଗିବାରେ ସଫଳ ହୋଇଛନ୍ତି । ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍‌ଚର ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

୩୨୬ରନ୍ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ଦଳ ୪୯ ଓଭର ୫ଟି ବଲ୍‌ରେ ୩୧୭ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଜୋ ରୁଟ୍ ୧୧୧ଟି ବଲ୍‌ରୁ ସର୍ବାଧିକ ୧୨୦ ରନ୍ କରିବାରେ ସଫଳ ହୋଇଥିଲେ । ଆଫ୍‌ଗାନିସ୍ତାନର ଆଜମାତୁଲ୍ଲା ଓମାର୍‌ଜାଇ ୫ଟି ୱିକେଟ୍ ନେଇଥିଲେ ।

ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ଆଜି ରାଓଲପିଣ୍ଡିଠାରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଉଭୟ ଦଳ ସେମିଫାଇନାଲ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିବା ବେଳେ ଏହି

ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ବିଜୟ ହାସଲ ଲାଗି ପ୍ରଚେଷ୍ଟା ଜାରି ରଖିଛନ୍ତି ।

## ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରିମିୟର ଲିଗ୍‌ରେ ଗତକାଲି ରାତିରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ' ୟୁ.ପି. ଓ୍ୱାରିୟର୍ସ୍‌କୁ ୮ ଓ୍ୱିକେଟ୍‌ରେ ପରାସ୍ତ କରିଛି । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୟୁ.ପି. ଓ୍ୱାରିୟର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ହରାଇ ୧୪୨ରନ୍ କରିଥିଲା । ମୁମ୍ବାଇ ପକ୍ଷରୁ ନାଟ୍ ସ୍କିଭର୍ ବ୍ରଣ୍ଟ୍ ୩ ଟି ଓ୍ୱିକେଟ୍ ନେଇଛନ୍ତି ।

୧୪୩ରନ୍ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୧୭ ଓଭରରେ ୨ଟି ଓ୍ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲେ । ଦଳ ପକ୍ଷରୁ ନାଟ୍ ସ୍କିଭର୍ ବ୍ରଣ୍ଟ୍ ମାତ୍ର ୪୪ଟି ବଲ୍‌ରୁ ସର୍ବାଧିକ ୭୫ରନ୍ କରିବା ସହିତ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ସେହିଭଳି ହାଲେ ମ୍ୟାଥ୍ୟୁସ୍ ମଧ୍ୟ ୫୦ଟି ବଲ୍‌ରୁ ୫୯ରନ୍ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍

ଠାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ମୁକାବିଲା ହେବ ।

## ବ୍ୟାଡ୍‌ମିଣ୍ଟନ୍

ଜର୍ମାନ୍ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରିୟାଂଶୁ ରାଜାୱତ୍ ଓ କୀରନ୍ ଜର୍ଜ୍ ପୁରୁଷ ବର୍ଗରେ ଏବଂ ରକ୍ଷିତା ରାମରାଜ ଓ ଉନ୍ନତି ହୁଦା ମହିଳା ସିଙ୍ଗଲ୍ସ ବର୍ଗରେ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ମୁଲ୍‌ହିମ୍ ସହରରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରିୟାଂଶୁ ଗତକାଲି ଅନୁଷ୍ଠିତ ଏକ ମ୍ୟାଚ୍‌ରେ କାଦମ୍ବୀ ଶ୍ରୀକାନ୍ତକୁ ୨୧-୧୪, ୨୧-୧୨ ସେଟ୍‌ରେ ପରାସ୍ତ କରିଥିବା ବେଳେ କୀରଣ ଜର୍ଜ୍ ଫିନ୍‌ଲାଣ୍ଡର ଜେ. ଓଲଡର୍ଫ୍‌ଙ୍କୁ ୨୧-୧୮, ୧୯-୨୧ ଓ ୨୧-୧୬ ସେଟ୍‌ରେ ହରାଇ ଦେଇଛନ୍ତି ।

ସେହିଭଳି ମହିଳା ସିଙ୍ଗଲ୍ସରେ ରକ୍ଷିତା ମ୍ୟାଲେସିଆର କିଶୋନା ସେଲଭାଦୁରେଙ୍କୁ ୨୨-୨୦, ୫-୨୧, ୨୫-୨୩ ସେଟ୍‌ରେ ପରାସ୍ତ କରିଥିବା ବେଳେ ଉନ୍ନତି ହୋଦା କାନାଡାର ଡବ୍ଲ୍ୟୁ. ଝାଙ୍କୁ ୨୧-୧୩, ୨୧-୧୭ ସେଟ୍‌ରେ ହରାଇଛନ୍ତି ।